ଧରିତ୍ରୀ
DHARITRI
ସୋମବାର, ୨୧ ଜୁନ ୨୦୨୧

## ମାଛ, ମାଂସ ଦୋକାନରେ ପ୍ରବଳ ଭିଡ଼

**କେନ୍ଦୁଝର,(ଡି.ଏନ୍.ଏ.):** ବର୍ତ୍ତମାନ କରୋନା ସଂକ୍ରମଣ ରୋକିବା ପାଇଁ ସରକାର ଲକ୍‌ଡାଉନ ଏବଂ ଶଟ୍‌ଡାଉନ କରିଛନ୍ତି। ଏହି ସମୟ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରି କିପରି ବ୍ୟବସାୟ ହେବ ସେଥିପ୍ରତି ସଚେତନା କରାଯାଉଛି। କିନ୍ତୁ ଏହାକୁ ନ ମାନି ମାଛ ମାଂସ ଦୋକାନରେ ପ୍ରବଳ ଭିଡ ହେଉଛି। କୃଷକ ବଜାର ସମେତ ମାଇନିଂ ରୋଡ ଡିଆଇସି ଅଫିସ ନିକଟ ମାଂସ ଦୋକାନରେ ମାସ୍କ ନ ପିନ୍ଧି ସାମାଜିକ ଦୂରତ୍ୱ ନମାନି ଲୋକଙ୍କ ଭିଡ ହେଉଛି।



## ସଂକ୍ଷେପରେ

### କଂଗ୍ରେସ ପକ୍ଷରୁ କିଟ୍, ରାଶନ ସାମଗ୍ରୀ

**ପାଟଣା, ୨୦।୬(ସ୍ୱ.ପ୍ର.):** ଅଖିଳ ଭାରତ କଂଗ୍ରେସ କମିଟି ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ ଶନିବାର ପାଟଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରେ ବୁଲି କଂଗ୍ରେସ ନେତା ମାନେ ଲୋକଙ୍କ ନିକଟରେ ପହଞ୍ଚି ମାସ୍କ, ସାନିଟାଇଜର ସହ ରାଶନ ସାମଗ୍ରୀ ବଣ୍ଟନ କରିଛନ୍ତି। କଂଗ୍ରେସ ପୂର୍ବତନ ବିଧାୟକ ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକଙ୍କ ନେତୃତ୍ୱରେ ପାଟଣା ବ୍ଲକ କଂଗ୍ରେସ ସଭାପତି ଶତ୍ରୁଘ୍ନ ସିଂହ, ବରିଷ୍ଠ ନେତା କୈଳାସ ଚନ୍ଦ୍ର ବାରିକ, ବସନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବୈଜ୍ଞାନିକ ଅଭିଷେକଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ, ୨୦।୬:** ବାଲେଶ୍ୱର ଜିଲା ସ୍କୁଲ ୨୦୧୦ ବ୍ୟାଚ୍‌ର ପୁରାତନ ଛାତ୍ର ଅଭିଷେକ ପରିଡ଼ା ଓଡ଼ିଆ ବୈଜ୍ଞାନିକ ଭାବରେ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ରେ ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଜିଲା ସ୍କୁଲର ଶିକ୍ଷକ ସାଧାରଣ ପ୍ରକୋଷ୍ଠରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭାରେ ଅଭିଷେକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ପୁରାତନ ବିଦ୍ୟାର୍ଥୀ ପରିଷଦର ସଭାପତି ଡା. ସୁରେନ୍ଦ୍ର ନାଥ ସାହୁ, ସମ୍ପାଦକ ରାଜେଶ କୁମାର ଗିରି, ବରିଷ୍ଠ ସଦସ୍ୟ ଡା. ଶାନ୍ତନୁ ଦାସ ଓ ଅଭୟ ଦାସ, ବିଦ୍ୟାଳୟ ପରିଚାଳନା ସମିତିର ଚେୟାରପର୍ଶନ ବଳରାମ ଦାସ, ସଭ୍ୟ ଅନନ୍ତ ଚାନ୍ଦ, ମୋ ସ୍କୁଲ ଅଭିଯାନର ସଂଯୋଜକ ସନ୍ଦୀପ ଖଟୁଆ, ଡ. କୁମାର ମିଶ୍ର ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷା କର୍ମଚାରୀ ଉପସ୍ଥିତ ରହି ଅଭିଷେକଙ୍କର ଉତ୍ତରୋତ୍ତର କାମନା କରିବା ସଙ୍ଗେ ସଙ୍ଗେ ମାନବ କଲ୍ୟାଣରେ ତାଙ୍କର ଗବେଷଣାକୁ ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ।

### ୫୧ ୟୁନିଟ୍ ରକ୍ତ ସଂଗୃହୀତ

**ସୋର, ୨୦।୬(ଡି.ଏନ.ଏ.):** ସୋର ୟୁଏନ୍ କଲେଜ ପରିସରରେ ଓଡ଼ିଶା ମୋ ପରିବାର ପରିବାର ଆନୁକୂଲ୍ୟରେ ଜୀବନବନ୍ଧୁ କାର୍ଯ୍ୟକ୍ରମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବରକୁ ବାଙ୍ଗି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ଜିଲା ବିଜୁଛାତ୍ର ଜନତା ଦଳର ସଭାପତି ସୀମନ ଦାଶମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ସୋର ବିଧାୟକ ପର୍ଶୁରାମ ଧଡ଼ା, ଜିଲାପରିଷଦ ସଭ୍ୟା ନିରୋଦପ୍ରଭା ପଣ୍ଡା, ପୂର୍ବତମ ନଗରପାଳ ବଙ୍କେଶ ବେହେରା, ଶଙ୍କର୍ଷଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

### ନଗର କଂଗ୍ରେସ ପକ୍ଷରୁ ସହାୟତା

**ବାରିପଦା ଅଫିସ,୨୦।୬:** ବାରିପଦା ନଗର କଂଗ୍ରେସ ପକ୍ଷରୁ ସଭାପତି ଶାନ୍ତନୁ ପାଲଙ୍କ ନେତୃତ୍ୱରେ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ପୂର୍ବତନ ରାଷ୍ଟ୍ରୀୟ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅସହାୟ ଗରିବ ଶ୍ରେଣୀର ଲୋକଙ୍କୁ ମାସ୍କ, ଶୁଖିଲା ଖାଦ୍ୟ, ସାବୁନ ଆଦି ପ୍ରଦାନ କରାଯାଇଥିଲା। ଏଥିସହ କାର୍ଯ୍ୟରତ ପୋଲିସଙ୍କୁ ମଧ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଛି। ଜିଲା ସଭାପତି ହେମନ୍ତ ଦାସ, ମହିଳା ନେତ୍ରୀ ଇତିଶ୍ରୀ ମିଶ୍ର, ଅରବିନ୍ଦ ଦାସ, ଯୋଗେଶ ଅଗ୍ରୱାଲ, ରଶ୍ମିତା ମିଶ୍ର, ଶୁଭସ୍ମିତା ବେହେରା, ବୁଦ୍ଧିରାମ ସିଂ, ରତନ ଶର୍ମା ପ୍ରମୁଖ ଏଥିରେ ସାମିଲ ଥିଲେ।

### ଗୋରୁ ବୋଝେଇ ଗାଡ଼ି ଜବତ, ୨ ଗିରଫ

**ଭଣ୍ଡାରିପୋଖରୀ, ୨୦।୬ (ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ଡାହାଲା ଛକ ନିକଟରୁ ପୋଲିସ ଏକ ବେଆଇନ ଗୋରୁ ବୋଝେଇ ପିକ୍‌ଅପ୍ ଜବତ କରିଛି। ଏଥିସହ ୨ ଜଣଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗାଡ଼ି ଚାଳକ ପିପିଲି ଅଞ୍ଚଳର ଆୟୋଗ ଖାଁ ଓ ସହାୟକ ଏମ୍ ଡି ୟାକୁବ। ଥାନାରେ ମାମଲା (ନଂ.୧୯୭/୨୧) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ପିପିଲି ଅଞ୍ଚଳରୁ ୧୪ ଗୋରୁଙ୍କୁ ନେଇ ପିକ୍‌ଅପ୍ କୋଲକାତା ଯାଉଥିବା ବେଳେ ଡାହାଲା ଛକଠାରେ ପୋଲିସ ଧରିଥିଲା। ଏଏସ୍‌ଆଇ ରତିକାନ୍ତ ଦାସ ଓ କର୍ମଚାରୀ ଗାଡ଼ିକୁ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରି ଭଦ୍ରକ ମଇତାପୁର ସ୍ଥିତ ଗୋଶାଳାରେ ଛଡ଼ାଯାଇଛି।

# ଅଙ୍ଗୁର ଦରରେ ବିକ୍ରି ହେଉଛି ଜାମୁକୋଳି

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୨୦।୬**

## ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡରେ ଚାହିଦା ଅଧିକ

କେନ୍ଦୁଝର ଜିଲାର ଜାମୁ କୋଳିର ଚାହିଦା ପଡୋଶୀ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟରେ ଅଧିକ ରହିଛି। ବାହାର ବେପାରୀମାନେ ଜିଲାରୁ ବଛା ବଛା କୋଳି କିଣି ନେଇ ପ୍ୟାକେଟ କରି ସେସବୁ ରାଜ୍ୟରେ ବିକ୍ରି କରି ଲାଭବାନ ହେଉଥିବା ବେଳେ ଏହି ଜିଲାର ଜାମୁ କୋଳି ସଂଗ୍ରହକାରୀ ସେଭଳି ଲାଭ ପାଇ ପାରୁନାହାନ୍ତି। ଏହି ଜାମୁକୋଳିରେ ବିଶେଷ କରି ଡାଇବେଟିସ ଭଳି ରୋଗର ଔଷଧୀୟ ଗୁଣ ରହିଥିବାରୁ ଏହାର ଚାହିଦା ଅଧିକ ରହିଛି। ସେଠାରେ ଏହି ଜାମୁକୋଳି ଅଙ୍ଗୁର ଦରରେ ବିକ୍ରି ହୋଇଥାଏ ବୋଲି ବେପାରୀମାନେ କୁହନ୍ତି । ପ୍ରତ୍ୟେକ ବର୍ଷ ଏହି ଜିଲାରୁ ଟ୍ରିପ ଟ୍ରିପ ଜାମୁ କୋଳି ବାହାରକୁ ଯାଉଥିବାବେଳେ ଗତ ଦୁଇ ବର୍ଷ ହେଲା କରୋନା କଟକଣା ପାଇଁ କମ୍ ସଂଗ୍ରହ ହେଉଛି ଏବଂ ବାହାରକୁ ଚାଲାଣ ହେଉଛି ବୋଲି ଝାଡ଼ଖଣ୍ଡରୁ ଆସିଥିବା ବ୍ୟବସାୟୀ ମୁରଲୀ ରାମ କହିଛନ୍ତି ।


ଜଣେ ବେପାରୀ ଜାମୁକୋଳି ବାଛି ରଖୁଛନ୍ତି।

କେନ୍ଦୁଝର ଜିଲାରେ ବଣପାହାଡ, ଘରବାଡି ତଥା ରାସ୍ତା କଡ଼ରେ ବହୁ ଜାମୁ କୋଳି ଗଛ ରହିଛି । ବର୍ଷାଦିନେ ଜାମୁକୋଳି ପାଚିଥାଏ । ଏହି ଜାମୁ କୋଳିକୁ ବହୁ ବନବାସୀ ସଂଗ୍ରହ କରି ହାଟବଜାରରେ ବିକ୍ରି କରିଥାନ୍ତି । ସେହିପରି ଏହି ଜାମୁ କୋଳିକୁ କେତେକ ବାହାର ରାଜ୍ୟର ବ୍ୟବସାୟୀ ଆସି କ୍ୟାମ୍ପ କରି ବଛା ବଛା କୋଳି ସଂଗ୍ରହ କରି ଟ୍ରକ/ଭ୍ୟାନ ଆଦିରେ ବୋହି ନିଅନ୍ତି । ସେମାନେ ବ୍ୟାଗ ପିଛା ୧୦୦ରୁ ୧୫୦ ଟଙ୍କାରେ କିଣିଥାନ୍ତି । ସେଥିରୁ ଭଲ ଭଲ କୋଳିକୁ ବାଛି ଭଲ ଭାବରେ ପ୍ୟାକିଂ କରି ନେଇଥାନ୍ତି । ଏହା ସେ ସବୁ ରାଜ୍ୟରେ ନିଲାମ ହୋଇ କିଲୋ ପିଛା ୧୫୦ରୁ ୨୦୦ ଟଙ୍କାରେ ବିକ୍ରି ହୋଇଥାଏ ବୋଲି ବେପାରୀମାନେ କୁହନ୍ତି । ଏହା ଖାଇବାକୁ ସୁସ୍ୱାଦୁ । ଏଥିରେ ଔଷଧୀୟ ଗୁଣ ଥିବାରୁ ଏହା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର । ସେହିପରି ଏହାର ମଞ୍ଜିକୁ ଶୁଖାଇ ଗୁଣ୍ଡ କରି ଡାଇବେଟିସ ଓ ଅନ୍ୟ ରୋଗ ପାଇଁ ଔଷଧ ପ୍ରସ୍ତୁତ ହୋଇଥାଏ ବୋଲି ଆୟୁର୍ବେଦ ବିଶାରଦ ହରେକୃଷ୍ଣ ମହାନ୍ତ କହିଛନ୍ତି। ତେବେ ଧୀରେ ଧୀରେ ଜଙ୍ଗଲ, ବାଡିବଗିଚା ତଥା ରାସ୍ତାଘାଟରେ ଥିବା ଏହି ଗଛଗୁଡିକର ରକ୍ଷଣାବେକ୍ଷଣ କରାଯିବା ଜରୁରୀ ହୋଇଛି । ବିଶେଷ କରି ବନବାସୀ ଏହାଦ୍ୱାରା ଅଧିକ ଉପକୃତ ହୋଇଥାନ୍ତି। ହାଟବଜାରରେ ଚଉତି ପିଛା ୧୦ରୁ ୨୦ ଟଙ୍କାରେ ବିକ୍ରି କରିଥାନ୍ତି। ତେବେ ଅନେକ ସମୟରେ ବେପାରୀଙ୍କ ଦ୍ୱାରା ଠକେଇର ଶିକାର ହେଉଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ସନ୍ତୋଷ ନାୟକ କହିଛନ୍ତି, ବନଜାତ ଫଳମୂଳକୁ ଆଦିବାସୀମାନେ ବିକ୍ରିବଟା କରି ଜୀବିକା ନିର୍ବାହ କରିଥାନ୍ତି । ସେସବୁର ବିକ୍ରିବଟା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିଲେ ହେଁ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉଛି।

# ଗୋରୁଗାଡ଼ି ଅଟକ ନେଇ ଗଣ୍ଡଗୋଳ ଘଟଣା, ୭ ଗିରଫ



ଗିରଫ ଅଭିଯୁକ୍ତ।

**ବାଲେଶ୍ୱର ଅଫିସ, ୨୦।୬**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ସେରଗଡ଼ ଛକରେ ଗତ ୧୬ ତାରିଖରେ ଗୋରୁଗାଡ଼ି ଅଟକାଇବାକୁ ନେଇ ହୋଇଥିବା ଗଣ୍ଡଗୋଳ ଘଟଣାରେ ଜଣେ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏହାକୁ ନେଇ ଉଭୟପକ୍ଷଙ୍କ ଲିଖିତ ଅଭିଯୋଗକ୍ରମେ ଖନ୍ତାପଡ଼ା ଥାନାରେ ଦୁଇ ପୃଥକ ମାମଲା (ନଂ. ୧୭୯/୨୧) ଓ (ନଂ. ୧୮୧/୨୧) ରୁଜୁ ହୋଇଥିଲା। ପୋଲିସ ଏହାକୁ ତଦନ୍ତ କରି ଉଭୟ ପକ୍ଷରୁ ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖନ୍ତାପଡ଼ା ଥାନା ସୋମନାଥପୁର ଗ୍ରାମର କପିଳେଶ୍ୱର ରାଉତ, ଭଦ୍ରକ ଜିଲା ପୁରୁଣାବଜାର ଥାନା ପଠାଣମହଲା ଗ୍ରାମର ଗୁଲଫାନ କ୍ୱାଦ୍ରି, ନଘମହଲା ଗ୍ରାମର ଏସ୍‌କେ ମାଇରାଜ, ଶଙ୍କରପୁର ଗ୍ରାମର ହୋସେନ ଖାନ, ଅଲାରପର ଗ୍ରାମର ରବୀନ୍ଦ୍ର କମାର ବେହେରା, ଭଦ୍ରକ ଟାଉନ ଥାନା ହଜାରିନଗର ଗ୍ରାମର ଫାଇଜାନ କାଦିର ଖାନ ଏବଂ ଖନ୍ତାପଡ଼ା ଥାନା ସେରଗଡ଼ ଗ୍ରାମର ପ୍ରଶାନ୍ତ ନାୟକ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ ରବିବାର କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ବନିତା ନାୟକ ପ୍ରକାଶ କରିଛନ୍ତି।

# ଏକ୍‌ମୋ ମେଶିନ ପ୍ରତିଷ୍ଠା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର



କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବାଲେଶ୍ୱର ଅଫିସ, ୨୦।୬**

ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ହସପିଟାଲକୁ ଏକ୍‌ମୋ ମେଶିନ ଯୋଗାଇଦେବାକୁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଅନୁରୋଧ କରାଯାଇଛି।

ରବିବାର ପୂର୍ବାହ୍ନରେ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀଙ୍କୁ ସାକ୍ଷାତ୍ କରି ମହାମାରୀ କରୋନାରେ ଆକ୍ରାନ୍ତ ଗୁରୁତର ରୋଗୀମାନଙ୍କୁ ଏକ୍‌ମୋ ଦ୍ୱାରା ସର୍ବାଧୁନିକ ଚିକିତ୍ସା ଯୋଗାଇ ଦିଆଯାଉଥିବାରୁ ଜିଲାରେ କେନ୍ଦ୍ର ସରକାର ଏହି ମେଶିନ୍ ପ୍ରତିଷ୍ଠା ପାଇଁ ନିବେଦନ କରିଥିଲେ। କରୋନାର ୩ୟ ଲହର ଆସନ୍ତା ଦୁଇମାସ ପରେ ଆସିବାର ଆଶଙ୍କା ପ୍ରକାଶ ପାଉଥିବାରୁ ଉକ୍ତ ମେଶିନ୍ ଜିଲାରେ ପ୍ରତିଷ୍ଠା କରାଯାଇପାରିଲେ ଅନେକ ଗୁରୁତର ଆକ୍ରାନ୍ତଙ୍କ ଅମୂଲ୍ୟ ଜୀବନ ରକ୍ଷା କରାଯାଇପାରିବ ବୋଲି ପ୍ରତିନିଧିମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। କ୍ରିୟାନୁଷ୍ଠାନ କମିଟିର ଆବେଦନ ପ୍ରତି ସୁବିଚାର କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ବେଳେ କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ଉପଦେଷ୍ଟା ବୈଦ୍ୟନାଥ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଜନସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, କାର୍ଯ୍ୟକାରୀ ସଦସ୍ୟ ତଥା ଜିଲା ପରିଷଦ ସଭ୍ୟ ସୀତାରାମ ପ୍ରଧାନ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୩ ଯୁବକଙ୍କୁ ଉଠାଇ ନେଲା ପୋଲିସ

**ଭଦ୍ରକ ଅଫିସ,୨୦।୬**

ଭଦ୍ରକ ଟାଉନ ଥାନା ଅଧୀନ କଦମବେଡ଼ା ପେଟ୍ରୋଲ ପମ୍ପ ପାଖରେ ରବିବାର କେତେଜଣ ଯୁବକ ବ୍ରାଉନସୁଗାର ପୁଡ଼ିଆ ଧରି ନିଶା ସେବନ କରୁଥିବା ବେଳେ ସ୍ଥାନୀୟ ଲୋକେ କାବୁ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ପୋଲିସ ଉଠାଇ ନେଇ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଜଣେ ଯୁବକ ପୋଲିସ ବିଭାଗରେ କାର୍ଯ୍ୟରତ ଗାଡ଼ି ଡ୍ରାଇଭରଙ୍କ ପୁଅ ବୋଲି ଜଣାପଡ଼ିଛି। ସେ ସେଠାରେ ନିଶା ସେବନ କରିବା ସହ ମାରଣାସ୍ତ୍ର ଧରି ଆତଙ୍କ ଖେଳାଇଥିଲେ ବୋଲି ସ୍ଥାନୀୟ ଲୋକେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

# ଶଟଡାଉନ୍‌ରେ ଅମାନିଆ ଗଣିଲେ ତଣ୍ଡ

**ବାଲିଆପାଳ, ୨୦।୬(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ତହସିଲ ଅଧୀନରେ ଥିବା ବିଭିନ୍ନ ବଜାର, ଛକରେ ଥିବା ଦୋକାନୀ ଶନିବାର ସପ୍ତାହନ୍ତ ଶଟ୍‌ଡାଉନ ନ ମାନି ଦୋକାନ ଖୋଲି ତଣ୍ଡ ଗଣିଛନ୍ତି। ବାଲିଆପାଳ ତହସିଲଦାର ଦୀପକ ଦାସ ଅମାନିଆଙ୍କଠାରୁ ୨୪ଶହ ଟଙ୍କା ଜରିମାନା ଆଦାୟ କରିଛନ୍ତି। ପୂର୍ବରୁ ଖୋଲା ରହୁଥିବା ଅତ୍ୟାବଶ୍ୟକ ଦୋକାନଗୁଡ଼ିକର ସମୟ ସୀମାକୁ ପୂର୍ବାପେକ୍ଷା ୨ଘଣ୍ଟା ବୃଦ୍ଧି କରାଇଛନ୍ତି। ହେଲେ ସପ୍ତାହନ୍ତ ଶଟ୍‌ଡାଉନ ଶନିବାର ଏବଂ ରବିବାରକୁ ପୂର୍ବପରି ବଳବତ୍ତର ରଖିଛନ୍ତି। ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ, ବାଲିଆପାଳ ସଦର ରାଜସ୍ୱ ନିରୀକ୍ଷକ ଶରତ ବେହେରା, ଧୀରେନ୍ଦ୍ର ଜେନା, ମନୋଜ ଗିରି ପ୍ରମୁଖ ସିମୁଳିଆ ବଜାରରେ ଖୋଲିଥିବା ପରିବା ଦୋକାନ, ପାରୁଳିଆ ଛକରେ ଲୁଗା ଦୋକାନ, କାଳିପଦା ବଜାରରେ ମାଛ ଦୋକାନ ଉପରେ ଚଢ଼ାଉ କରିବା ବେଳେ ଦୋକାନୀମାନେ ଦୋକାନ ଛାଡ଼ି ପଳାଇଯାଇଥିଲେ। ପରେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

# ବନ୍ଧୁକ ଦେଖାଇ ଅବସରପ୍ରାପ୍ତ ସାମରିକ କର୍ମଚାରୀ ହଟହଟା

**ବାହାନଗା, ୨୦।୬(ଡି.ଏନ.ଏ.)**

ବନ୍ଧୁକ ଦେଖାଇ ଜଣେ ଅବସରପ୍ରାପ୍ତ ସାମରିକ କର୍ମଚାରୀଙ୍କୁ ହଟହଟା ହେବାକୁ ପଡିଛି। ସେ ଏବେ ଥାନାରେ ଅଟକ ଅଛନ୍ତି। ଘଟଣା ଘଟିଛି ବାହାନଗା ବ୍ଲକ ଗୋପାଳପୁର ବଜାରରେ। ସଦର ଥାନା ଅଧୀନ ରସାଳପୁର ପଞ୍ଚାୟତ ଛଚିନା ଗ୍ରାମର ପ୍ରପତିରଞ୍ଜନ ଦାସ(୩୯) ନିଜର ବୁଲେଟ (ନଂ. ଓଡି ୦୧-ଏଲ-୭୮୪୭) ଯୋଗେ ଗୋପାଳପୁର ବଜାର ଆସୁଥିଲେ। ତେବେ ବାଟରେ ଜଣେ ଲୋକ ପ୍ରପତିରଞ୍ଜନଙ୍କୁ ଗୋପାଳପୁର ଆସିବା ପାଇଁ ଲିଫ୍ଟ ମାଗିଥିଲେ। ଲିଫ୍ଟ ମାଗୁଥିବା ବ୍ୟକ୍ତିଜଣକ ମୁହଁରେ ମାସ୍କ ଦେଇ ନ ଥିବାରୁ ସେ ତାଙ୍କୁ ସାଙ୍ଗରେ ଆଣିବା ପାଇଁ ଅମଙ୍ଗ ହୋଇଥିଲେ। ପରେ ବ୍ୟକ୍ତି ଜଣକ କାକୁତିମୀନତି ହେବା ପରେ ତାଙ୍କୁ ସେ ସାଙ୍ଗରେ ଆଣିଥିଲେ। ଲିଫ୍ଟରେ ଆସିଥିବା ବ୍ୟକ୍ତି ଜଣକ ଗୋପାଳପୁର ବଜାରରେ ଓହ୍ଲାଇବା ପରେ ପ୍ରପତିରଞ୍ଜନଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ପ୍ରପତିରଞ୍ଜନ ପେଟ୍ରୋଲ ଟାଙ୍କିରେ ତେଲ ପକାଇ ସାରି ନିଜର ବନ୍ଧୁକ ବାହାର କରି ଗାଳିଦେଇଥିବା ବ୍ୟକ୍ତିଙ୍କୁ ବଜାରରେ ଖୋଜାଖୋଜି କରିବା ସହିତ ଏକ ଦୋକାନ ଆଗରେ ବନ୍ଧୁକ ଧରି ବସିଥିବା ବେଳେ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଗୋପାଳପୁର ଫାଣ୍ଡି ଅଧିକାରୀ ପହଞ୍ଚି ସର୍ବସାଧାରଣରେ ବନ୍ଧୁକ ଧରି ବୁଲିବା ଓ ବନ୍ଧୁକ ଦେଖାଇ ପାଟିତୁଣ୍ଡ କରିବା ଯୋଗୁ ତାଙ୍କୁ କାବୁ କରି ଖନ୍ତାପଡା ଥାନାକୁ ନେଇ ଅଟକ ରଖି ପଚରାଉଚରା କରୁଛନ୍ତି।

# କଙ୍ଗାରୁ କୋର୍ଟରେ ଯୁବକଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼

## ଭିଡିଓ ଭାଇରାଲ ପରେ ଚର୍ଚ୍ଚା

**ଭଦ୍ରକ ଅଫିସ, ୨୦।୬**

ଜଣେ ମହିଳା ଠିକା କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଏଟିଏମ୍ କାର୍ଡ ମାଧ୍ୟମରେ କୌଶଳକ୍ରମେ ଟଙ୍କା ଉଠାଇ ନେଇଥିବା ଜଣେ ଯୁବକଙ୍କୁ କଙ୍ଗାରୁକୋର୍ଟରେ ପ୍ରଥମେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ଓ ପରେ ରାସ୍ତାରେ ପିଟି ପିଟି ଥାନା ପର୍ଯ୍ୟନ୍ତ ନିଆଯାଇଛି। ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳରେ ଶହ ଶହ ଲୋକଙ୍କ ସାମ୍ନାରେ ଏଭଳି ଘଟଣା ଘଟୁଥିଲେ ମଧ କେହି ଅଟକାଇବାକୁ ଉଦ୍ୟମ କରି ନ ଥିଲେ। ଏ ସମ୍ପର୍କିତ ଏକ ଭିଡିଓ ଭାଇରାଲ ହେବା ପରେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ନାୟକସାହି ଅଞ୍ଚଳର ଉକ୍ତ ଯୁବକ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ଠିକା କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଥିଲେ। ଏ ସମ୍ପର୍କରେ ମହିଳା ଠିକା କର୍ମଚାରୀ ଜାଣିବା ପରେ ତାଙ୍କର ଜଣେ ସହଯୋଗୀଙ୍କ



ସହ ମିଶି ସମ୍ପୃକ୍ତ ଯୁବକଙ୍କୁ ପ୍ରଥମେ ବଡ଼ବଜାର ପାଖରେ ଗୋଟିଏ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପିଟିଥିଲେ। ପରେ ଖୁଣ୍ଟରୁ ଖୋଲି ରାସ୍ତାରେ ପିଟି ପିଟି ତାଙ୍କୁ ଥାନା ଯାଏ ନେଇଥିଲେ। ମହିଳାଙ୍କ ଉଗ୍ର ରୂପ ଦେଖି ଅଟକାଇବାକୁ କେହି ସାହସ କରି ନ ଥିଲେ। ମହିଳା କର୍ମଚାରୀ ଥାନାରେ ଏତଲା ଦେବା ପରେ ପୋଲିସ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଧାମନଗର ଥାନାଧିକାରୀ ପ୍ରଦୀପ ମହନ୍ତ କହିଛନ୍ତି, ଉକ୍ତ ଯୁବକଙ୍କୁ ଟଙ୍କା ଚୋରି ଅଭିଯୋଗରେ ଗିରଫ କରାଯାଇଛି। ଥାନାରେ ମାମଲା (ନଂ. ୧୭୦/୨୧) ରୁଜୁ ହୋଇଛି। ହେଲେ ମାଡ଼ ମରାଯାଇଥିବା ନେଇ କୌଣସି ଅଭିଯୋଗ ଆସିନାହିଁ। ଭିଡିଓ ଭାଇରାଲ ଘଟଣାରେ ଆବଶ୍ୟକ ପଡ଼ିଲେ ମାମଲା ରୁଜୁ ହୋଇ ତଦନ୍ତ କରାଯିବ।

# ଅନାଥ ଭଉଣୀ ଭାଇଙ୍କ ଦାୟିତ୍ୱ ନେଲେ ବିଧାୟକ

**ବାଲେଶ୍ୱର ଅଫିସ, ୨୦।୬**

ବାଲେଶ୍ୱର ପୌରପାଳିକା ୨୭ ନମ୍ବର ୱାର୍ଡ଼ ମାଣିଖମ୍ବ ଅଞ୍ଚଳର ହୋମିଓପାଥିକ ଡା. ରାଜେଶ ସିଂହଙ୍କ କରୋନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏହାର ୨୧ଦିନ ପରେ ତାଙ୍କ ସ୍ତ୍ରୀ ଜୁଲି ସିଂହ ଆତ୍ମହତ୍ୟା କରିଥିଲେ। ମା' ବାପାଙ୍କୁ ହରାଇ ଦୁଇ ପିଲା ଝିଅ ରତ୍ନକ୍ରିଷ୍ଣା (୧୩) ଓ ପୁଅ ଆଦିତ୍ୟ ନାରାୟଣ (୭) ଅନାଥ ହୋଇଯାଇଛନ୍ତି। ସେମାନେ ଏବେ ବୃଦ୍ଧ ଜେଜେମା' ଓ ଜେଜେ ବାପାଙ୍କ ପାଖରେ ରହୁଛନ୍ତି। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ତାଙ୍କ ଘରେ ପହଞ୍ଚି ଦୁଃଖ ପ୍ରକାଶ କରିଥିଲେ। ଏନେଇ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଅବଗତ କରାଇବା ସହ ଭିଡିଓ କଲ୍ ମାଧ୍ୟମରେ ଉକ୍ତ ଦୁଇଶିଶୁ ଏବଂ ବୃଦ୍ଧ ଜେଜେମା' ଓ ଜେଜେବାପା ସହ କଥା କରାଇଥିଲେ। ମନ୍ତ୍ରୀ ଜେନା ଉକ୍ତ ପରିବାରକୁ ସମସ୍ତ ସରକାରୀ ଯୋଜନାରେ ସାମିଲ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ଦାସ ଉକ୍ତ ଦୁଇ ପିଲାଙ୍କ ସମସ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସହ ଆଲୋଚନା କରି ଜିଲା ଶିଶୁ ସୁରକ୍ଷା ଯୁବକ ମାଝୀଙ୍କୁ ଏ ସମ୍ପର୍କରେ ଅବଗତ କରାଇ ସମସ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ସେ କହିଥିଲେ।


ଅନାଥ ଭଉଣୀଭାଇଙ୍କ ସହ ବିଧାୟକ ସ୍ୱରୂପ କୁମାର ଦାସ।

# ପୁଅ ଚିକିତ୍ସା ପାଇଁ ହାତ ପାତୁଛନ୍ତି ମା'

- ମେଧାବୀ ଛାତ୍ର ସତ୍ୟବ୍ରତ
- ଯୁକ୍ତ ୨ ବିଜ୍ଞାନରେ ଜିଲାରେ ଟପ୍ପର ହୋଇଥିଲେ

**ପଦ୍ମପୁର, ୨୦।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପୁର ପଞ୍ଚାୟତ ବଚ୍ଛଦା ଗ୍ରାମର ମେଧାବୀ ଛାତ୍ର ସତ୍ୟବ୍ରତ ରାଉତ(୨୨)ଙ୍କ ଚିକିତ୍ସା ପାଇଁ ସହାୟତା ଲୋଡ଼ୁଛନ୍ତି ପରିବାର। ୨୦୧୭ରେ ଯୁକ୍ତ ୨ ବିଜ୍ଞାନରେ ୮୭ ପ୍ରତିଶତ ନମ୍ବର ରଖି ଜିଲାରେ ଟପ୍ପର ହୋଇଥିଲେ ସତ୍ୟବ୍ରତ। ଏଥିସହ ୨୦୨୦ରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୯୦ ପ୍ରତିଶତ ମାର୍କ ରଖି ସେ ବିଏସ୍‌ସି କୃତକାର୍ଯ୍ୟ ହୋଇଥିଲେ। କିନ୍ତୁ ସେହି ବର୍ଷ ନଭେମ୍ବରରେ ତାଙ୍କର ପେଟରୋଗ ବାହାରିଲା। ଚିକିତ୍ସା ପାଇଁ ପରିବାର ଲୋକେ ତାଙ୍କୁ ସୋର, ବାଲେଶ୍ୱର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।


ମା' ସଞ୍ଜୁକ୍ତାଙ୍କ ସହ ସତ୍ୟବ୍ରତ।

ଶ୍ୱାସକ୍ରିୟାରେ ଅସୁବିଧା ହେତୁ ତାଙ୍କର ଅପରେଶନ କରାଯାଇଥିଲା। ହେଲେ କ୍ଷତ ନ ଶୁଖି ଛାତିରୁ ପାଣି ବାହାରିବାରୁ ଛାତିରେ କଣା କରି ଏକ ପ୍ଲାଷ୍ଟିକ ପାଇପ୍ ଲଗାଯାଇଛି। ନଭେମ୍ବରରୁ ଏପର୍ଯ୍ୟନ୍ତ ତାଙ୍କ ଚିକିତ୍ସା ବାବଦରେ ପରିବାର ଲୋକେ ୩ରୁ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଛନ୍ତି। ତାଙ୍କ ବାପା ଶରତ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ବାହାର ରାଜ୍ୟରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଏବେ ପୁଅର ଅପରେଶନ ପାଇଁ ୪ରୁ ୫ ଲକ୍ଷ ଟଙ୍କା ଆବଶ୍ୟକ ଥିବାବେଳେ ଟଙ୍କା ଯୋଗାଡ଼ କରିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଏକମାତ୍ର ପୁଅର ଚିକିତ୍ସା ପାଇଁ ମା' ସଞ୍ଜୁକ୍ତା ହାତ ପାତି ସାହାଯ୍ୟ ଭିକ୍ଷା କରିଛନ୍ତି। ପୁଅର ଜୀବନ ବଞ୍ଚାଇବା ଲାଗି ସେ ଆକୁଳ ନିବେଦନ କରିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଜଣେ ଗିରଫ

**ଭଦ୍ରକ ଅଫିସ, ୨୦।୬**

ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଯାଜପୁର ଅଞ୍ଚଳ ଶ୍ୟାମପୁର ଗାଁର ପ୍ରଭାତ ନାୟକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି।

ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଅନୁଯାୟୀ, ଯୁବକ ଜଣଙ୍କ ୨୦୨୦ ସେପ୍ଟେମ୍ବର ୨୪ରେ ତାଙ୍କ ଝିଅକୁ ବିବାହ ପ୍ରଲୋଭନ ଦେଖାଇ କେଉଁଆଡ଼େ ନେଇ ପଳାଇଥିଲେ। ପରେ ତାଙ୍କୁ ତାମିଲନାଡୁରେ ରଖି ଏବେ ଛାଡ଼ି କେଉଁଆଡ଼େ ଫେରାର ହୋଇଯାଇଥିଲେ। ଏ ନେଇ ମାମଲା(ନଂ. ୧୭୩/୨୧) ରୁଜୁ କରାଯାଇ ସମ୍ପୃକ୍ତ ଯୁବକଙ୍କୁ ଯାଜପୁର ଅଞ୍ଚଳରୁ ଗିରଫ କରାଯାଇଛି। ଏହାପରେ ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଥିବା ଥାନାଧିକାରୀ ପ୍ରଦୀପ କୁମାର ମହନ୍ତ ସୂଚନା ଦେଇଛନ୍ତି।

